## ତହସିଲଦାରଙ୍କ କାର୍ଯ୍ୟାଳୟ, ରାୟଗଡ, ଜିଲ୍ଲା- ରାୟଗଡ

## ଦୀର୍ଘ ମିଆଦି ଲିଜ୍ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା. 471 /୨୦୨୨ ତାରିଖ. 7-3.2022

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ରାୟଗଡ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ଆସନ୍ତା ୫ ବର୍ଷ ନିମନ୍ତେ ୨୦୨୨-୨୦୨୩ ଆର୍ଥିକ ବର୍ଷ ଠାରୁ ୨୦୨୬-୨୦୨୭ ପର୍ଯ୍ୟନ୍ତ ଲିଜ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ (OMMC Rules-2016 ଦ୍ୱାରା ପ୍ରଣୀତ) Form-M ପୂରଣ କରି ୩ ଟି କପି ସହ ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାଫାରେ ତହସିଲଦାର, ରାୟଗଡଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ଅଥବା ରେଜେଷ୍ଟ୍ରି ପୋଷ୍ଟ ମାଧ୍ୟମରେ ଆବେଦନ କରିପାରିବେ।(ଲଫାଫା ଉପରେ ସାଇରତ ଉତ୍ସର ନାମ ଲେଖାଥିବା ଆବଶ୍ୟକ)। ଧାର୍ଯ୍ୟ ତାରିଖ ର ପୂର୍ବ ଦିନ ଅପରାହ୍ନ ତଥା ତା: **୦୫.୦୪.୨୦୨୨, ୧୩.୦୪.୨୦୨୨ ଏବଂ ୨୦.୦୪.୨୦୨୨** ଘ ୫ :୩0 ଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକ ବିଚାରକୁ ନିଆ ଯିବ ନାହିଁ। କୌଣସି କାରଣ ନ ଦର୍ଶାଇ ନିଲାମ କୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀ ଓ ତହସିଲଦାର ରାୟଗଡ଼ଙ୍କ ରହିଅଛି ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ :-**

1. ଦରଖାସ୍ତ ପାଉଣା ବାବଦ ଟ 1000ଙ୍କା (ଏକ ହଜାର ଟଙ୍କା) (ଅଣଫେରସ୍ତ)ର ଟ୍ରେଜେରି ଚାଲାଣ (Head of Account -0853- Non-Ferroys Metallurgical and Minerals Industries -102- Mineral concession Rent and Royalty) ।

2. ଦରଖାସ୍ତକାରୀ ଆବେଦନ କରୁଥିବା ସୈରାତ ଉତ୍ସର ROR, Trace Map, Land Schedule ନକଲ ସଂଲଗ୍ନ କରିବେ ।

3. ସୈରାତ ଉତ୍ସ ବାବଦୀୟ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧୀୟ ସତ୍ୟପାଠ ।

4. ଦରଖାସ୍ତକାରୀ ୧୮ ମାସର ଅବଧି ଥାଇ ଏକ Solvency Certificate କିମ୍ବା Bank Guarantee ଦାଖଲ କରିବେ I ଯାହାର ସର୍ବନିମ୍ନ ମୁଲ୍ୟ ସଇରାତ ଉତ୍ସର ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ( Minimum Guaranteed Quantity) X ( Royalty + Additional Charges) fixed by the Collector, Rayagada + Additional Charges Offered by the Participants) ହେବା ଆବଶ୍ୟକ I Annexure -1 କ୍ରମାନୁସାରେ ସୈରାତ ଉତ୍ସଗୁଡିକୁ ନିଲାମ

କରାଯିବ I ଦରଖାସ୍ତକାରୀ ଆବେଦନ କରିଥିବା ନିଲାମ ମୂଲ୍ୟ ଅନୁଯାୟୀ ଉପରୋକ୍ତ ହିସାବ ଅନୁସାରେ Solvency Certificate କିମ୍ବା Bank Guarantee ମୂଲ୍ୟ କୁ ଗ୍ରହଣ କରାଯିବ I ଯଦି ଦରଖାସ୍ତକାରୀ ଏକାଧିକ ସଇରାତ ଉସ ନିମନ୍ତେ ଆବେଦନ କରିଥାଆନ୍ତି ତେବେ, ଉପରୋକ୍ତ କ୍ରମ ଅନୁଯାୟୀ Solvency Certificate କିମ୍ବା Bank Guarantee ମୂଲ୍ୟ କୁ ଗ୍ରହଣ କରାଯିବ I

5. ଲିଜଧାରୀ ନୋଟିସ ମଧ୍ୟରେ ଉଲ୍ଲେଖ କରିଥିବା ସୈରାତ ଉସର ଏକ ବର୍ଷ ପାଇଁ ନିଶ୍ଚିତ ପରିମାଣ ର ରୟାଲିଟି ଏବଂ ଅତିରିକ୍ତ ଦାବି(Additional charges) ର ୫% Demand Draft ତହସିଲଦାର ରାୟଗଡ ନାମରେ ଅମାନତ ରାଶି From-M. ସହ ସଂଲଗ୍ନ କରିବେ ଏବଂ ମନୋନୀତ ଲିଜ ଧାରି ୧୫ ଦିନ ମଧ୍ୟରେ OMMC Rule-୨୦୧୬ ରୁଲ ୨୭ ର ଉପଧାରା-୭ ଧାରା ଅନୁଯାୟି ବଳକା ଅମାନତ ରାଶି ପଇଠ କରିବେ ।

6. ଅନ୍ୟାନ୍ୟ ଆବଶ୍ୟକ ତଥ୍ୟର ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ନିଜର ଉପଲବ୍ଧ ଥିବା ଯନ୍ତ୍ରପାତି ଓ ଆର୍ଥିକ ଅବସ୍ଥା ସମ୍ବନ୍ଧୀୟ ଇତ୍ୟାଦି ତଥ୍ୟ ସମସ୍ତ ଦସ୍ତାବିଜ ଗୁଡିକରେ ନିଲାମଧାରୀଙ୍କ ହସ୍ତାକ୍ଷର ବା ଟିପଚିହ୍ନ ସହ From-M. ରେ ଉପରୋକ୍ତ ନମ୍ବର ପ୍ରକାରେ କ୍ରମାନ୍ବୟରେ ସଂଲଗ୍ନ କରାଯିବା ଜରୁରୀ ।

7. ଆବେଦନକାରୀ ନିଜର ଭୋଟ ପରିଚୟ ପତ୍ର / ଆଧାର କାର୍ଡ / ପାନ କାର୍ଡ ସଂଲଗ୍ନ କରିବେ/ଆଇଟି ରିଟାର୍ନ (Last one Year) ।

୮. ଦରଖାସ୍ତକାରୀ କୌଣସି ସୈରାତ ଉସ ନିମନ୍ତେ ଆବେଦନ କରିବା ପୂର୍ବରୁ ଉକ୍ତ ଉସକୁ ପରିଦର୍ଶନ କରିଥିବାର ଏକ ସ୍ୱଘୋଷିତ ଲିଖିତନାମା ( Self Declaration) ଦାଖଲ କରିବେ।

୯. ଦରଖାସ୍ତକାରୀ ସୈରାତ ଉସ ର Mining Plan Preparation , E. C. Preparation & Sairat Advertising Cost ର ସମସ୍ତ ଖର୍ଚ ବହନ କରିବା ନେଇ ଏକ ସତ୍ୟପାଠ ଦାଖଲ କରିବେ।

୧୦. ଦରଖାସ୍ତକାରୀ ଦରଖାସ୍ତ ଲଫାଫା ର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସୈରାତ ଉସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ ନମ୍ବର ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ।

୧୧. ଆବଶ୍ୟକ ସ୍ଥଳେ ଯଦି ସୈରାତ ଉସ ର ପରିବର୍ତ୍ତନ କରିବା ଆବଶ୍ୟକ ହୁଏ ତେବେ ଦରଖାସ୍ତକାରୀ ସୈରାତ ଉସ ର Revised Mining Plan ର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ପାଇଁ ସତ୍ୟପାଠ ଦାଖଲ କରିବେ।

## ବିଶେଷ ସର୍ତ୍ତାବଳୀ

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳୀ ୨୦୧୬ OMMC (Amendment) Rules- 2016 ଏବଂ ତହସିଲ ହିସାବ ପ୍ରକରଣ ପୁସ୍ତିକା Manual of Tahasil Accounts ର ପରିସରଭୁକ୍ତ ରହିବେ ।

୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ (ADDITIONAL CHARGES) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ନିଲାମଧାରୀ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ଯଦି ଏକ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀ ଚୟନ କରାଯିବ ।

୩. ଲିଜଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୁଡାନ୍ତ ଦିବସର ସାତଦିନ ମଧ୍ୟରେ ନଗଦ ଟଙ୍କା,Bank and Draft ଆକାରରେ ତହସିଲଦାର, ରାୟଗଡଙ୍କ ନିକଟରେ ଦାଖଲ କରିବେ ।

୪. ଖଣିରେଖାଙ୍କରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ୍ ଧାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ମୂଲ୍ୟକୁ ଗୁଣନ କରି ସଂପୃକ୍ତ ଅର୍ଥକୁ ପରିବେଶ ମଞ୍ଜୁରି (Environment Clearance) ଆଣିସାରିଲା ପରେ ପୈଠ କରିବେ ସଂପୂର୍ଣ୍ଣ ରାଶି ପୈଠ ହେଲା ପରେ 1908 ଓ 1899 ଷ୍ଟାମ୍ପ ଆକ୍ଟ ଅନୁଯାୟି ଚୁକ୍ତିପତ୍ର (Lease deed) ସଂପାଦନ କରିବେ ।

୫. ଲିଜଧାରୀ ଏକ ବର୍ଷର ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ ହେବାକୁ ଥିବା royalty ଓ additional charges ଓ Environmental Management Fund ର ସମତୁଲ୍ୟ ଅର୍ଥର ଏକ ଚତୁର୍ଥାଂଶ (ଅମାନତ ଅର୍ଥକୁ ବାଦ ଦେଇ) Form-F ରେ ସୂଚନା ପାଇବାର ୧୫ ଦିନ ମଧ୍ୟରେ ଦାଖଲ କରିବେ ଯାହାକି ସୁଧମୁକ୍ତ ଜମାନତ ଭାବେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ଲିଜ ଅବଧିର ପରିସମାପ୍ତ ପର୍ଯ୍ୟନ୍ତ ରହିବ।

୬. ଯଦି ସର୍ବୋଚ୍ଚ ରାଜଭାଗ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସିମା ମଧ୍ୟରେ ଅମାନତ ରାଶି ଦାଖଲ କରିବାର ଖିଲାପ କରନ୍ତି ତାହାହେଲେ ଦ୍ୱିତୀୟ ଏବଂ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀମାନଙ୍କୁ କ୍ରମାନ୍ବୟରେ ସୁଯୋଗ ଦିଆଯିବ ।

୭. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ରାଜଭାଗ ମୂଲ୍ୟଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

୮. ନିଲାମଧାରୀମାନେ OMMC (Amendment) Rules- 2016 ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟହେବେ ।

୯. ଲିଜ୍ ଧାରୀ ଜମାର ରାଜଭାଗର ୨%  ଅର୍ଥ ଆୟକର ବାବଦକୁ, ୨% ଅର୍ଥର 10% ଅତିରିକ୍ତ ଅର୍ଥ ଆୟକର ବାବଦକୁ, ୧୦% ଅର୍ଥ District Mineral Foundation Fund(DMF) , ୫% ଅର୍ଥ State Mineral Foundation Fund (SMF) ଏବଂ ୫ % ଅର୍ଥ ପରିବେଶ ପରିଚାଳନା ପାଣ୍ଠିକୁ ଜମା କରିବେ

୧୦. ଦରଖାସ୍ତକାରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ଓ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

୧୧. ଲିଜଧାରୀ ମାଇନିଙ୍ଗ ପ୍ଲାନ ତଥା ପରିବେଶ ମଞ୍ଜୁରୀ ପାଇଁ ପ୍ରସ୍ତୁତି ହୋଇଥିବା ଅର୍ଥ ପଇଠ କରିବେ।

୧୨. ସମ୍ବାଦ ପତ୍ର ରେ ବିଜ୍ଞାପନ ପ୍ରକାଶ ପାଇଁ ସମସ୍ତ ଖର୍ଚ୍ଚ ସଫଳ ନିଲାମଧାରି ମାନେ ବହନ କରିବେ।

୧୩. ଯଦି କୌଣସି ସୈରାତ  ଉତ୍ସ ନିମନ୍ତେ  କେବଳ ଗୋଟିଏ ମାତ୍ର  ଦରଖାସ୍ତ ଗ୍ରହଣ ହୋଇଥିବ, ତେବେ ସେହି ଉତ୍ସ ପାଇଁ  ନିଲାମ କରାଯିବ ନାହିଁ I

ପ୍ରଥମ ନିର୍ଦ୍ଧାରିତ ନିଲାମ ତାରିଖ ଦିନ ଯେଉଁ ସୈରାତ ଉତ୍ସ ଗୁଡିକ ନିଲାମ ହୋଇନପାରିବ, ସେହିଉତ୍ସ ଗୁଡିକ ପୁନଶ୍ଚ ସାରଣୀ ଅନୁଯାୟୀ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଓ ସମୟରେ ନିଲାମ ହେବ । ସୈରାତ ଉତ୍ସ ଓ ନିଲାମ ସମନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟଦିବସରେ (ଛୁଟି ଦିନ ବ୍ୟତୀତ) ମିଳିପାରିବ ଏବଂ ଏହି ସମନ୍ଧୀୟ ସମ୍ପୂର୍ଣ୍ଣ ତଥ୍ୟ www.rayagada.nic.in ରେ ଉପଲବ୍ଧ ରହିଛି । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ରହିଛି ।

ନିଲାମ ସ୍ଥାନ, ଧାର୍ଯ୍ୟ ତାରିଖ ଓ ସମୟ ନିମ୍ନରେ ପ୍ରଦାନ କରାଯାଇଅଛି ସୈରାତ ଉତ୍ସ ଗୁଡିକର ସମ୍ପୂର୍ଣ୍ଣ ବିବରଣୀ ଏଥିସହିତ ସଂଲଗ୍ନ କରାଯାଇଅଛି ।

ନିଲାମ ସ୍ଥାନ- **ତହସିଲ କାର୍ଯ୍ୟାଳୟ, ରାୟଗଡ**

ଧାର୍ଯ୍ୟ ତାରିଖ ଓ ସମୟ ପ୍ରଥମ ପର୍ଯ୍ୟାୟ ତା **୦୬.୦୪.୨୦୨୨** ରିଖ ଦିବା ୧୧.୦୦ଘଟିକା

ଦ୍ଵିତୀୟ ପର୍ଯ୍ୟାୟ ତା **୧୩.୦୪.୨୦୨୨** ରିଖ ଦିବା ୧୧.୦୦ଘଟିକା

ତୃତୀୟ ପର୍ଯ୍ୟାୟ ତା **୨୦.୦୪.୨୦୨୨** ରିଖ ଦିବା ୧୧.୦୦ଘଟିକା

ତହସିଲଦାର, ରାୟଗଡ

ଜ୍ଞାପକ ସଂଖ୍ୟା 472 /୨୦୨୨ ତାରିଖ 07.03.2022

ଏହାର ଏକକିତା ନକଲ ରାଜସ୍ୱ ନିରିକ୍ଷକ ଙ୍କୁ ପ୍ରେରଣ କରାଗଲା ଏବଂ ସେମାନଙ୍କୁ ନିର୍ଦ୍ଦେଶ କରାଗଲା ଯେ ସେମାନେ ଏହି ବିଜ୍ଞାପନ ର ଏକକିତା ନକଲ ନିଜ ନିଜ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ଲଟକାଇବେ ଓ ଅନ୍ୟ ଏକକିତା ନକଲ ମଣ୍ଡଳର ସମସ୍ତ ଗ୍ରାମରେ ଧେଣ୍ଡୁରି ମାଧ୍ୟମରେ ବହୁଳ ଭାବରେ ପ୍ରଚାର କରି ତୃତୀୟ କୀଟ ନକଲ ରେ ସମସ୍ତ ବିବରଣୀ ଦର୍ଶାଇ ଏବଂ ସୈରାତ ଉଛ ଗୁଡିକର ନକ୍ସା ତିଆରି କରି ନିମ୍ନ ସ୍ୱାକ୍ଷର କାରିଙ୍କୁ ଧାର୍ଯ୍ୟ ତାରିଖ ୧୫ ଦିନ ପୂର୍ବରୁ ପ୍ରେରଣ କରିବେ।

ତହସିଲଦାର, ରାୟଗଡ

ଜ୍ଞାପକ ସଂଖ୍ୟା 473 /୨୦୨୨ ତାରିଖ 07.03.2022

ଏହାର ଏକକିତା ନକଲ ଜିଲ୍ଲାପାଳ, ରାୟଗଡ, ଉପ-ଜିଲ୍ଲାପାଳ, ରାୟଗଡ଼ ମହୋଦୟଙ୍କ ଗୋଚରାର୍ଥେ ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ District Informatics Officer, NIC ରାୟଗଡ଼ଙ୍କୁ ଦିଆଗଲା ଏବଂ ଜିଲ୍ଲା ୱେବସାଇଟରେ ଏହି ବିଜ୍ଞାପନ ପ୍ରସାରଣ କରିବା ପାଇଁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ରାୟଗଡା / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରାୟଗଡ ଙ୍କୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ର ବିଜ୍ଞାପନ ଫଳକରେ ସର୍ବସାଧାରଣ ଙ୍କ ଗୋଚରାର୍ଥେ ଲଟକାଇବା ପାଇଁ ପ୍ରେରଣ କରାଗଲା ।

ତହସିଲଦାର, ରାୟଗଡ

ଜ୍ଞାପକ ସଂଖ୍ୟା 474 /୨୦୨୨ ତାରିଖ 07.03.2022

ଏହାର ଏକକିତା ନକଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ, ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରାଗଲା ।

ତହସିଲଦାର, ରାୟଗଡ

## ANNEXURE-I

| କ୍ରମିକ ସଂଖ୍ୟା | ଲଘୁଖଣିଜ ଉତ୍ସର ନାମ | ମୌଜା | ଖାତା | ଖସଡା | ରକବା ଏକରରେ | କିସମ | ଲଘୁଖଣଜ ର ନାମ | ଲଘୁ ଖଣିଜ ପଦାର୍ଥର ସର୍ବନିମ୍ନ ଧାର୍ଯ୍ୟ ରାଜସ୍ୱ (per cm) ଟଙ୍କାରେ | ଅତିରିକ୍ତ ଦେୟ (per cm) ଟଙ୍କାରେ | MGQ PER YEAR IN CUM (*) | ଅଗ୍ରୀମ ପୋଇଠ କରିବାକୁ ଥିବା ଅମାନତ ରାଶି ଡ଼ଓ ପରିମାଣ ଟଙ୍କା |
|---|---|---|---|---|---|---|---|---|---|---|---|
| 1 | BEHERAGUDA SAND BED | BEHERAGUDA | 3 | 92/1 | 10.00 | NADI | SAND | 35.00 | 7.00 | 20100 | 42210.00 |
| 2 | TUMBIGUDA SAND BED | TUMBIGUDA | 64 | 351 | 6.00 | NADI | SAND | 35.00 | 7.00 | 7100 | 14910.00 |
| 3 | KOMTALPETA SAND BED | KOMTALPETA | 61 | 730 | 12.30 | NADI | SAND | 35.00 | 7.00 | 8000 | 16800.00 |

<u>ବି. ଦ୍ର :-ତାରକା ଚିହ୍ନିତ ସଂଖ୍ୟା ଗୁଡିକ ଆବଶ୍ୟକ ସ୍ଥଳେ ପରିବର୍ତ୍ତନ/ବୃଦ୍ଧି କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଛି I</u>

7/3/22

**TAHASILDAR : RAYAGADA**